## ସଂକ୍ଷେପରେ

### ବଗଳାମୁଖୀ ମନ୍ଦିରରୁ ଚୋରି



**ଚିକିଟି,୨୯।୧୨(ପ୍ରକାଶ ଚନ୍ଦ୍ର ସାହୁ)**

ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅଞ୍ଚଳରେ ଲୁଟେରାଙ୍କ ପାର୍ଦୁଭାବ ବୃଦ୍ଧି ପାଉଛି। ୧୫ ଦିନ ମଧ୍ୟରେ ଏହି ଅଞ୍ଚଳରେ ୩ଟି ଚୋରି ଘଟଣା ଘଟିଲାଣି। ଲୁଟେରା ମୁଖ୍ୟତଃ ମନ୍ଦିରଗୁଡିକୁ ଟାର୍ଗେଟ କରୁଛନ୍ତି। କିଛିଦିନ ତଳେ ବାରାହୀ ମନ୍ଦିରରୁ ଚୋରି ହୋଇଥିବା ବେଳେ ଗୁରୁବାର ମଧ୍ୟରାତ୍ରିରେ ଚିକିଟି ଏନ୍ଏସିର କରବାଲୁଆ ଗ୍ରାମ ନିକଟ ଲୋକନାଥପୁର ଶାସନର ଇଷ୍ଟଦେବୀ ମା ବଗଳାମୁଖୀ ମନ୍ଦିରରୁ ଲୁଟ ହୋଇଛି। କେହି ଦୁର୍ବୃତ୍ତ ମା'ଙ୍କୁ ପିନ୍ଧାଯାଇଥିବା ଅଳଙ୍କାର ଲୁଟିନେଇଛନ୍ତି। ମା'ଙ୍କ ସୁନା ଆଖି, ଚିତା ଓ ବିଭିନ୍ନ ଅଳଙ୍କାର ଆଦି ଲୁଟି ନେଇଥିବା ନେଇ ମନ୍ଦିରର ମୁଖ୍ୟ ପୁରୋଧା ଅଶୋକ କୁମାର ପାଢ଼ୀ ମୌଖିକ ଭାବେ ଜଣାଇବା ପରେ ଚିକିଟି ଏସଡିପିଓ, କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ସନ୍ଧ୍ୟା ସୁଦ୍ଧା ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଚିକିଟି ଫାଣ୍ଡି ଅଧିକାରୀ ସୁମନ ମଲ୍ଲିକ ସୂଚନା ଦେଇଛନ୍ତି।

### ବିଶୁଦ୍ଧ ପାନୀୟ ଜଳ ଦାବିରେ ଆନ୍ଦୋଳନ

**ଦାରିଙ୍ଗବାଡି,୨୯।୧୨(ଅରୁଣ ସାହୁ)**

ଦାରିଙ୍ଗବାଡି ବ୍ଲକ କୁମ୍ଭାରିଗାଁ ପଞ୍ଚାୟତ ଗୁଡ଼ିକିଆଗାଁରେ ପାଇପ ଯୋଗେ ଦୁର୍ଗନ୍ଧ ଓ ଗୋଳିଆ ପାଣି ଆସୁଛି। ଏନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥିବା ପ୍ରତିବାଦରେ ଶୁକ୍ରବାର ଗ୍ରାମବାସୀ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ଏହି ଖବର ପାଇ ବିଡ଼ିଓ ଗଦାଧର ପାତ୍ର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ବିଭାଗୀୟ ଯନ୍ତ୍ରୀ କ୍ଷୀରୋଦ ରାଉତ ପ୍ରମୁଖ ଘଟଣାସ୍ଥଳରେ ସେମାନଙ୍କୁ ବୁଝାଶୁଝା କରିବା ସହ ବିଶୁଦ୍ଧ ଜଳ ଯୋଗାଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଛି। ସୂଚନା ଯୋଗ୍ୟଯେ ଗୁଡ଼ିକିଆ ଗ୍ରାମରେ ୨୦୧୩ ମସିହାରୁ ବସୁଧା ଯୋଜନାରେ ପ୍ରକଳ୍ପ କାର୍ଯ୍ୟ ହେଇଛି, ପାଇପ ଲାଇନ ମଧ୍ୟବିଛା ଯାଇଛି। କିନ୍ତୁ ଲୋକଙ୍କୁ ଗୋଳିଆ ପାଣି ଯୋଗାଣ ହେଉଛି।

# ଗଞ୍ଜାମକୁ ସୁହାଉଛି 'ଶ୍ରୀ' ପଦ୍ଧତି ଚାଷ

**ବ୍ରହ୍ମପୁର,୨୯।୧୨(ସ୍ମୃତି ରଞ୍ଜନ ମହାଲିକ)**

ଧାନ ଚାଷ ପାଇଁ ପ୍ରଚୁର ପାଣି ଦରକାର। ତେଣୁ ଚାଷୀ ବର୍ଷା ଉପରେ ନିର୍ଭର କରିଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନରୁ ବର୍ଷାଭାବ ଦେଖାଦେଉଛି। ପର୍ଯ୍ୟାପ୍ତ ପାଣି ମିଳୁନାହିଁ। ଚାଷ ହେଉଥିଲେ ମଧ୍ୟ ଗଜା ମରୁଡି ଭଳି ସ୍ଥିତି ଉପୁଜୁଛି। ଅମଳ ବି ହ୍ରାସ ପାଉଛି। ଚାଷୀ କେବଳ ସହାୟତାକୁ ଚାହିଁ ନିରାଶ ହୋଇ ପଡୁଛି। ତେଣୁ ଗଞ୍ଜାମ ଜିଲାରେ ବହୁ ଚାଷୀ ଚାଷ ପ୍ରତି ବିମୁଖ ହୋଇଛନ୍ତି। ଯଦ୍ୱାରା ଶତାଧିକ ଏକର ଚାଷ ଜମି ପଡିଆ ପଡୁଛି। ଜଳବାୟୁକୁ ସୁହାଇଲା ଭଳି ବ୍ରହ୍ମପୁର ବନ ବିଭାଗ ଅଧୀନ ଜିଲା ପ୍ରକଳ୍ପ ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ 'ଶ୍ରୀ'ପଦ୍ଧତି ମାଧ୍ୟମରେ ଧାନ ଚାଷକୁ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାର, ଗ୍ରୀନ କ୍ଲାଇମେଟ ଫଣ୍ଡ ଓ ୟୁଏନଡିପି ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଚାଷ ଦ୍ୱାରା ଜିଲାର ଅନେକ ଚାଷୀ ଲାଭବାନ ଓ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛନ୍ତି।



'ଶ୍ରୀ' ପଦ୍ଧତି ମାଧ୍ୟମରେ ହୋଇଥିବା ଚାଷ ଓ ଅମଳ।

ବର୍ତ୍ତମାନ ଏହି ପଦ୍ଧତି ଚାଷ ଗଞ୍ଜାମକୁ ସୁହାଉଥିବା ଚାଷୀମାନେ କହିଛନ୍ତି।

ଚଳିତବର୍ଷ ଚିକିଟି, ରଙ୍ଗେଇଲୁଣ୍ଡା, ଖଲ୍ଲିକୋଟ ଓ ଗଞ୍ଜାମ ବ୍ଲକରେ ୯୦୦ ଚାଷୀ ଶ୍ରୀ ପଦ୍ଧତିରେ ଚାଷ କରୁଛନ୍ତି। ପ୍ରଥମ କରି ୨୦୨୨-୨୩ ରବି ଫସଲ ସମୟରେ ୩୦ ଚାଷୀଙ୍କୁ ନେଇ ୧୦ ଏକର ସ୍ଥାନରେ ଧାନ ଚାଷ କରାଯାଇଥିଲା। ଏହା ସଫଳ ହୋଇଥିଲା। ଫଳରେ ଚଳିତ ବର୍ଷ ଖରିଫରେ ୨୦୦ ହେକ୍ଟର ଚାଷ ଜମିରେ ୮୭୦ ଚାଷୀ ଶ୍ରୀ ପଦ୍ଧତି ଧାନ ଚାଷ କରିଥିବା ଉକ୍ତ ପ୍ରକଳ୍ପର ଜିଲା କୋ ଅର୍ଡିନେଶନ ଅଧିକାରୀ ରଞ୍ଜନ କୁମାର ଭୋଇ ସୂଚନା ଦେଇଛନ୍ତି। ଏହି ଚାଷରେ ଲିପିକା ଓ ପଲିଶ୍ରୀ ନାମକ ଏନଜିଓ ନିୟୋଜିତ ହୋଇ ଚାଷ କାର୍ଯ୍ୟରେ ସହଯୋଗ କରୁଛନ୍ତି। ତତସହିତ ବିଭାଗ ପକ୍ଷରୁ ଚାଷ ତଦାରଖ ପାଇଁ ୩୦ ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଛି। ଏହି ଚାଷ ପାଇଁ ବିଭାଗ ପକ୍ଷରୁ ଜିଲାର ୩୯ ଗ୍ରାମରେ ଚାଷୀଙ୍କୁ ଚାଷ ପ୍ରଣାଳୀ ନେଇ ପ୍ରଥମେ ପ୍ରଶିକ୍ଷଣ ଦିଆଯାଇଥିବା ଭୋଇ କହିଛନ୍ତି। ଆଗାମୀ ଦିନରେ ଏହି ଚାଷ କରିବାକୁ ଚାଷୀ ଆଗ୍ରହୀ ହେବା ସମ୍ଭାବନା ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଛତ୍ରପୁରରେ ଉଡ଼ାନ ନାଇଟ୍ କାର୍ଯ୍ୟକ୍ରମ

**ଛତ୍ରପୁର,୨୯।୧୨(ଦିଲୀପ ସାମଲ)**

ସ୍ଥାନୀୟ ଜିଲା ସଂସ୍କୃତି ଭବନ ପରିସରରେ ନେକ୍ସଟ୍ ଟୁ ସ୍କୁଲ କୋଚିଂ ସେଣ୍ଟରର ବାର୍ଷିକ ଉତ୍ସବ ଓ ଉଡାନ ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ପ୍ରମୋଦ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ କର୍ଣ୍ଣଲ ଆନନ୍ଦ ତନ୍ତି ଓ ଡେପୁଟି କଲେକ୍ଟର ଅଭିଷେକ ସାହୁ ଯୋଗଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଛାତ୍ରୀଛାତ୍ର କିପରି ଜଣେ ଜଣେ ସୁନାଗରିକ ଓ ଦେଶ ବିଦେଶରେ ନାଁ ରଖିବେ ସେଥିପାଇଁ ଉଭୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା, ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା,ପ୍ରାରମ୍ଭରେ ନେକ୍ସଟ ଟୁ ସ୍କୁଲ କୋଚିଂ ସେଣ୍ଟର ର ମୁଖ୍ୟ ପ୍ରମୋଦ କୁମାର ସେନାପତି ଅନୁଷ୍ଠାନ ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କ ରେ ଆଲୋକପାତ କରିଥିଲେ,କାର୍ଯ୍ୟକ୍ରମ କୁ ପରିଚାଳନା ରେ ସଞ୍ଜୟ କୁମାର ରଥ, ଶେଷନନ୍ଦ ଷଡ଼ଙ୍ଗୀ, ସଂପୂର୍ଣ୍ଣାନନ୍ଦ ପୃଷ୍ଟି, ଜି.ପାଣ୍ଡ ରେଡ୍ଡୀ, ଅମରେଶ ତରାଇ, ଚିନ୍ମୟ ପଲାଇ, ପିଙ୍କୁ ନାହାକ, ବଷ୍ଟି ନାହାକଙ୍କ ସମେତ ଅନ୍ୟାନ୍ୟ ଷ୍ଟାପ ଓ ଛାତ୍ର ଛାତ୍ରୀ ଏବଂ ଅଭିଭାବକମାନେ ସହଯୋଗ କରିଥିଲେ।

# ନିଖିଳ ଓଡ଼ିଶା ଓକିଲ ସଂଘର ବାର୍ଷିକୋତ୍ସବ



**ଫୁଲବାଣୀ, ୨୯।୧୨(ରାକେଶ କୁମାର ରାଉତ)**

ନିଖିଳ ଓଡ଼ିଶା ଓକିଲ ସଂଘର ରାଜ୍ୟସ୍ତରୀୟ ୫୨ ତମ ବାର୍ଷିକ ଉତ୍ସବ ଫୁଲବାଣୀର କୋରନେସନ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ। ଏହି ସମ୍ମିଳନୀ ଦୁଇ ଦିନ ଧରି ହେବାକୁ ଥିବା ବେଳେ ଏଥିରେ ୩୦ଟି ଜିଲା ଓ ବିଭିନ୍ନ ବ୍ଲକରୁ ବହୁ ଆଇନଜୀବୀ ଯୋଗ ଦେଇଛନ୍ତି । ମୁଖ୍ୟବକ୍ତା ଭାବେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି. ଗୋପାଲ ଗୌଡା, ସୁପ୍ରିମକୋର୍ଟ ବାର ଆସୋସିଏସନ ସଭାପତି ଡ.ଆଡ଼ିସ୍ ଚନ୍ଦ୍ର ଅଗ୍ରୱାଲ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରଚୁଆଲ ମାଧ୍ୟମରେ ଓକିଲ ମାନଙ୍କ ୱେଲଫେୟାର ଫଣ୍ଡ ୫ କୋଟି ରୁ ୧୦ କୋଟି ବୃଦ୍ଧି କରିଥିବ ଘୋଷଣା କରିଥିଲେ। ଓକିଲ ସଂଘ ପକ୍ଷରୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସରକାରଙ୍କ ପାଖରେ ଦାବି କରିଥିଲେ। ଏଠାରେ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସାଧାରଣ ଲୋକଙ୍କ ପାଖରେ କିପରି ଆଇନ ପହଞ୍ଚିବ ମୁଖ୍ୟ ଅତିଥି ଭି.ଗୋପା ଗୌଡା ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କନ୍ଧମାଳ ଏମପି ଡ. ଅଚ୍ୟୁତ ସାମନ୍ତ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ଫୁଲବାଣୀ ଓକିଲ ସଂଘ ସଭାପତି ଭଗବାନ ମହାନ୍ତି, ରାଜ୍ୟ ଓକିଲ ସଂଘର ସଭାପତି ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇଥିଲେ ।

# ୧୧ ଦଫା ଦାବି ନେଇ ସିପିଏମ୍‌ର ବିକ୍ଷୋଭ




ନେତା ଓ ସମର୍ଥକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ସୋରଡା,୨୯।୧୨(ଲମ୍ବୋଦର ପାଣିଗ୍ରାହୀ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ୧୧ ଦଫା ଦାବି ନେଇ ଶୁକ୍ରବାର ସୋରଡ଼ା ତହସିଲ କାର୍ଯ୍ୟାଳୟ ସମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦଳର ସମସ୍ତ ସଭ୍ୟ ଓ ସମର୍ଥକ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସମ୍ପାଦକ ମଣ୍ଡଳୀ ସଭ୍ୟ ପି.ହରିକୃଷ୍ଣ ରେଡ଼ି, ଜିଲା କମିଟି ସଭ୍ୟ ନୀଳମଣି ଗୁରୁ, ସତ୍ୟ ମଣ୍ଡଳ, ରାଧା ଗମାଙ୍ଗ, ଲକ୍ଷ୍ମଣ ନାୟକ, ଗଣେଶ ପଗଡ ପ୍ରମୁଖ ସରକାରଙ୍କ ଚାଷୀମାରଣ ନୀତି ଉପରେ ବକ୍ତବ୍ୟ ରଖିଥିଲେ। ଏହାଛଡା ବ୍ଲକକୁ ମରୁଡି ଘୋଷଣା କରିବା, କୃଷି ଋଣ ଛାଡ କରିବା, ମୁଣ୍ଡପିଛା ୧୦କେଜି ଚାଉଳ ପ୍ରଦାନ କରିବା, ରବି ଫସଲ ପାଇଁ ବିହନ ସାର ଯୋଗାଇବା, ସମସ୍ତ ଜମି ଜଳସେଚିତ କରାଇବା, ଶୀତଳ ଭଣ୍ଡାର ପ୍ରତିଷ୍ଠା, ବିଶୁଦ୍ଧ ପାନୀୟ ଜଳ, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଆଦି ଦାବି କରିଥିଲେ। ବିଭୂପ୍ରସାଦ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିକ୍ଷା ବିଭାଗର ତାଲିମ ଶିବିର

**ଧରାକୋଟ,୨୯।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଧରାକୋଟ ବ୍ଲକ ଅନ୍ତର୍ଗତ ବରଡ଼ାବିଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ୨ଦିନିଆ ଜଲି ଫୋନିକ୍ସ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଇଓ ଲିଙ୍ଗରାଜ ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରି ଜଲି ଫୋନିକ୍ସର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏବିଇଓ ପ୍ରଦୀପ କୁମାର ହୋତା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ବଳ ଶିକ୍ଷକ ପୀତବାସ ବିଶ୍ୱାଳ, ପ୍ରମୋଦ ପ୍ରଧାନ ପ୍ରଶିକ୍ଷାର୍ଥୀ ମାନଙ୍କୁ ଜଲି ଫୋନିକ୍ସ ଉପରେ ବିସ୍ତୃତ ଓ ସରଳ ଭାବରେ ତାଲିମ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଏବିଇଓ ପ୍ରଦୀପ କୁମାର ଶତପଥୀ, ଉମା ଚରଣ ପାଣିଗ୍ରାହୀ ଓ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାତ୍ର ତାଲିମ ଦେଇଥିଲେ। ଜଲି ଫୋନିକ୍ସ ପ୍ରାରମ୍ଭିକ ଇଂରାଜୀ ଶିକ୍ଷାର ଏକ ବଳିଷ୍ଠ ମାଧ୍ୟମ। ଯାହାଦ୍ୱାରା ଜଣେ ଶିଶୁ ଇଂରାଜୀ ଶବ୍ଦର ଉଚ୍ଚାରଣ ସରଳ ଭାବେ କରିପାରିବ। ସିଆରସିସି ଅରୁଣ କୁମାର ସେଠୀ ଶିବିର ପରିଚାଳନା କରିଥିଲେ।

# ମାରଦା ମନ୍ଦିରର ୨୯୧ତମ ପ୍ରତିଷ୍ଠା ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ପୋଲସରା,୨୯।୧୨(ସୁବ୍ରତ ବେହେରା)**

ପୋଲସରା ବ୍ଲକ ମଥୁରା ନିକଟସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରର ଐତିହ୍ୟ ଓ ପରମ୍ପରାକୁ ଉଦଜୀବିତ ରଖିବା ପାଇଁ ୨୯୧ତମ ପ୍ରତିଷ୍ଠା ଉତ୍ସବ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଶୂନ୍ୟ ଠାକୁରଙ୍କ ଚକା ବେଦୀ ପାଖରେ ପ୍ରଦୀପ ପ୍ରଜ୍ୱଳନ, ନାନାଦି ଭୋଗ ଅର୍ପଣ କରାଯାଇଥିଲା। ମନ୍ଦିର ପରିସରରେ ଥିବା ଖରାଖିଆ ଲୋକନାଥ, ପଶ୍ଚିମମୁଖୀ ହନୁମାନ, ସୂର୍ଯ୍ୟଦେବ ଓ ଶନିଦେବଙ୍କ ଠାରେ ବିଧିପୂର୍ବକ ଉତ୍ତରୀୟ ପ୍ରଦାନ ଏବଂ ପୂଜାର୍ଚ୍ଚନା ସେବକ ବଂଶୀଧର ପଣ୍ଡା କରିଥିଲେ। ଆୟୋଜିତ ବୈଠକରେ ଆଇନଜୀବୀ ପବିତ୍ର କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷାବିତ ରାଧାଶ୍ୟାମ ପଣ୍ଡା, ପୂର୍ବତନ ସରପଞ୍ଚ ପଦ୍ମଚରଣ ଜେନା, ନିଖିଳ ଓଡିଶା ନାମ ସଂକୀର୍ତ୍ତନ ସଂଘର ଉପ ସଭାପତି ଧୋବା ସାହୁ, ସମାଜିକ କର୍ମୀ ଭିକାରି ଚରଣ ଜେନା, ରାମକୃଷ୍ଣ ବାରିକ, ରାମଚନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଲୀଳାକ୍ଷେତ୍ର ମାରଦା ମନ୍ଦିରର ଉନ୍ନତି ପାଇଁ ଅର୍ଥ ମଞ୍ଜୁର ହୋଇଥିବାରୁ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏଥି ସହିତ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ସହଯୋଗରେ ମକର ସଂକ୍ରାନ୍ତିରେ ମନ୍ଦିରରେ ପତାକା ଲାଗି, ଘରେ ଘରେ ଜଗନ୍ନାଥ, ଜିଲା ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ମାରଦା ସଂସ୍କୃତି ଓ ପରମ୍ପରା ନାମରେ ସମସ୍ତ କାର୍ଯ୍ୟକ୍ରମ ମନ୍ଦିର ପରିସରରେ କରାଯିବାକୁ ଅନୁରୋଧ ପତ୍ର ପ୍ରଦାନ ଏବଂ ଜାନୁୟାରୀରେ ଶରଣ ଶ୍ରୀକ୍ଷେତ୍ରର ସଂସ୍କୃତି ଓ ପରମ୍ପରାକୁ ନାମ ସଂକୀର୍ତ୍ତନ ଜରିଆରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅରୁଣ କୁମାର ଜେନା, ଶିବରାମ ସାହୁ, ଶିବଶଙ୍କର ବେହେରା, ମନୋଜ ଜେନା ଓ ଲୁଲୁ ଗୌଡ଼ ପ୍ରମୁଖ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

# ମହାନଦୀ ମେଗା ପାନୀୟଜଳ ପ୍ରକଳ୍ପ ପାଇପ ବିଛା କାମ ଆରମ୍ଭ

**ଭଞ୍ଜନଗର, ୨୯।୧୨(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳଯୋଗାଣ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଚାଲିଥିବା ମହାନଦୀ ମେଗା ପାନୀୟଜଳ ପ୍ରକଳ୍ପ ପାଇପ ବିଛା କାମ ଭଞ୍ଜନଗର ବ୍ଲକ ଲେମ୍ବେଇ ପଞ୍ଚାୟତରୁ ୧୫ ଦିନ ହେବ ଆରମ୍ଭ ହୋଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ୨୦୨୫ ଜୁନ ୧୭ ମଧ୍ୟରେ ସରିବା ଲକ୍ଷ୍ୟ ରଖାଯାଇଛି। ତେଣୁ ଠିକାଦାର କମ୍ପାନୀ ଏଲଆଣ୍ଡଟି କମ୍ପାନୀ ଦ୍ରୁତ ଗତିରେ କାର୍ଯ୍ୟ ଆରମ୍ଭ କରିଛି। ଏହି ପ୍ରକଳ୍ପରେ ୧୫୦୯ କୋଟି ୯୧ ଲକ୍ଷ ୨୦ ହଜାର ୧ ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ପରେ ଭଞ୍ଜନଗର ଉପଖଣ୍ଡର ସମସ୍ତ ୮ଟି ବ୍ଲକ ସହ ବେଲଗୁଣ୍ଠା ଏନଏସି, ବୁଗୁଡ଼ା ଏନଏସି ସମେତ ପୋଲସରା,କବିସୂର୍ଯ୍ୟନଗର, ପୁରୁଷୋତ୍ତମ ପୁର ବ୍ଲକର ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ ଉପକୃତ ହେବେ। ନୟାଗଡ଼ ଜିଲା ଗଣିଆ ନିକଟସ୍ଥ ଛାମୁନିଆ ନିକଟରୁ ମହାନଦୀରୁ ପାଇପ ଯୋଗେ ପାଣି ଆଣି ଗାୟଗଣ୍ଡାଠାରେ ହେବାକୁ ଥିବା ସମ୍ପରେ ପାଣି ରଖାଯିବ। ସେଠାରୁ ବିଭିନ୍ନ ବ୍ଲକକୁ ପାଇପ ଯୋଗେ ପାଣି ଛଡ଼ାଯିବ। ୨୦୨୪ ସୁଦ୍ଧା ସମସ୍ତ ଘରକୁ ପାଇପ ଯୋଗେ ଯେଉଁ ପାଣି ଯୋଗାଣ ଲକ୍ଷ୍ୟ ରଖାଯାଇଛି ଏଥିରେ କିଛିଟା ବିଳମ୍ବ ହେବା ସମ୍ଭାବନା ରହିଛି। ଏତେବଡ଼ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ଯୋଗୁଁ ଗ୍ରାମ୍ୟ ପାଇପ ଜଳଯୋଗାଣ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ରହି ଆବଶ୍ୟକ ତଦାରଖ କରିବା ଆବଶ୍ୟକତା ରହିଛି।

# ଗଞ୍ଜାମ ଜିଲାକୁ ମରୁଡ଼ି ଘୋଷଣା କରାଯାଉ

**ଛତ୍ରପୁର,୨୯।୧୨(ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲାରେ ୭୫ ଭାଗ ବାସିନ୍ଦା କୃଷି ଉପରେ ନିର୍ଭର କରନ୍ତି। ଏଣୁ ଜିଲା ଚାଷୀଙ୍କ ମୁଖ୍ୟ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ରଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ ବର୍ଷା ଅଭାବରୁ ଅଧିକାଂଶ ବ୍ଲକରେ ମରୁଡ଼ି ହୋଇଛି । ଏଣୁ ମରୁଡ଼ି କ୍ଷତିଗ୍ରସ୍ତ ଅଞ୍ଚଳକୁ ଚିହ୍ନଟ କରି ମରୁଡ଼ି ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ଦେଇ କୃଷି ଋଣ ଛାଡ଼ କରାଯାଉ ଓ ବିଦ୍ୟୁତ କର ଛାଡ଼ କରଯାଉ। ଜିଲାରେ ମାତ୍ର ୫୦ ଭାଗ ଜମିକୁ ଜଳସେଚନର ସୁବିଧା ଥିବାରୁ ଦୋ' ଫସଲି ଚାଷ ହୋଇପାରୁନାହିଁ। ଏଣୁ ଜଳସେଚନ ଉନ୍ନୟନ ପରିଷଦ ଓ ଜଳସେଚନ ମିଶନ ଗଠନ କରି ସବୁ ଚାଷ ଜମିକୁ ଜଳସେଚନର ସୁବିଧା କଲେ ଗଞ୍ଜାମ ଜିଲା ଦାଦନମୁକ୍ତ ହୋଇପାରିବ। ଦୀର୍ଘ ୪୦ ବର୍ଷ ହେଲା ସ୍ୟାଟେଲମେଣ୍ଟ କ୍ୟାମ୍ପ ହୋଇନଥିବାରୁ ଜମିଜମା ରେକର୍ଡ଼ର ସଂଶୋଧନ ହୋଇପାରୁନାହିଁ। ଚାଷୀମାନେ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ପ୍ରତି ପଞ୍ଚାୟତରେ କୋର୍ଟ କ୍ୟାମ୍ପ କରି ଜମି ରେକର୍ଡ଼ ସଂଶୋଧନ ତୁରନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଉ। ଜିଲାର ୫୦ ଭାଗରୁ ଅଧିକ ଜମି ଭାଗ ଚାଷୀମାନେ ଚାଷ କରିଥାନ୍ତି। ସେମାନେ ହିଁ ପ୍ରକୃତ ଚାଷୀ, ଏଣୁ ସେମାନଙ୍କୁ ଚାଷୀର ମାନ୍ୟତା ଦେଇ ସରକାରଙ୍କ ସବୁ ସୁବିଧା ଯୋଗାଇ ଦେଲେ କୃଷିର ବିକାଶ ହେବ। ଶହ ଶହ ବାରହା, ହାତୀ, ମାଙ୍କଡ଼ ଆଦି ବନ୍ୟଜନ୍ତୁଙ୍କ ପ୍ରଭାବ ଯୋଗୁଁ ଧାନ ଓ ପନି ପରିବା ଫସଲ ନଷ୍ଟ ହେବା ସଂଗେ ସଂଗେ ଚାଷୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରୁଛନ୍ତି । ଏଣୁ ଏହି ଅନିଷ୍ଟକାରୀ ପ୍ରାଣୀଙ୍କୁ ପରଜୀବୀ ପ୍ରାଣୀ ଘୋଷଣା କରି ଚାଷ ଓ ଚାଷୀଙ୍କୁ ସୁରକ୍ଷା ଦିଆଯାଉ। ପ୍ରତି ପଞ୍ଚାୟତରେ କୃଷି ସହାୟକ କେନ୍ଦ୍ର ଖୋଲି ଚାଷୀଙ୍କୁ ବିହନ, ଜୈବିକ ସାର ଔଷଧ କୃଷି ଯନ୍ତ୍ରପାତି ରିହାତିରେ ଦେବା ସଂଗେ ସଂଗେ ଆମ ଚାଷୀଙ୍କ ଆଦାୟର ମାର୍କେଟିଂର ସୁବିଧା ପାଇଁ ଗୋଦାମ ଓ ବରଫ କଳ ସିଙ୍ଗଲ ୱିଣ୍ଡୋ ଜରିଆରେ କଲେ ଚାଷୀ ଉପଯୁକ୍ତ ମୂଲ୍ୟ ପାରିପାରିବ ବୋଲି ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ କହିଛନ୍ତି।

# କଠିନ ପରିଶ୍ରମ ହିଁ ସଫଳତାର ମାପକାଠି

**ଗଞ୍ଜାମ,୨୯।୧୨(ବିଦ୍ୟାଧର ସାହୁ)**

### ହୁମ୍ମା ସଲ୍ଟ କଲେଜ 'ନୂଆ-ଓ' କାର୍ଯ୍ୟକ୍ରମ ସରିଲା

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ସଲ୍ଟ କଲେଜର 'ନୂଆ-ଓ' କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼. ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ କଠିନ ପରିଶ୍ରମ ହିଁ ସଫଳତାର ମାପକାଠି, କଠିନ ପରିଶ୍ରମ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସରପଞ୍ଚ ଜାନକୀ ଦାସ, ସମିତିସଭ୍ୟ ଧ୍ରୁବ ଚରଣ ପଲାଇ, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ଓଡିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାର ଉକ୍ତ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ନୋଡାଲ ଅଫିସର ଅର୍ଥନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଗୌରହରି ବେହେରା କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଡ଼ଃ ସୁଧିର କାନ୍ତ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଂଯୋଜନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପୁରସ୍କୃତ ଛାତ୍ର।

# ଜନଜାତି ମହୋତ୍ସବ ଉଦ୍‌ଘାଟିତ

**ଫିରିଙ୍ଗିଆ, ୨୯।୧୨(ବିକ୍ରମ ଦିଗାଲ)**

ଫିରିଙ୍ଗିଆ ମିନିଷ୍ଟାଡିୟମଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧୀନରେ ବ୍ଲକସ୍ତରୀୟ ଜନଜାତି ମହୋତ୍ସବ ଉଦଘାଟିତ ହୋଇଯାଇଛି। ବିଡିଓ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରୋଦନ ମଳିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବା ବେଳେ ବିଧାୟକ ଅଙ୍ଗଦ କହଁର, ଏମପି ପ୍ରତିନିଧି ବିଷ୍ଣୁଚରଣ ମଳିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ, ଜିଲାପରିଷଦ ସଭ୍ୟ ନୀଳଗିରି ଦିଗାଲ, ଖଜୁରୀପଡାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, ଜିଲା କୁଇ ସମାଜ ସଭାପତି ସୁଦର୍ଶନ କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମହିଳା ସଭ୍ୟା ସୁଜାତା କହଁର, ଖଜୁରୀପଡା ସଭ୍ୟା ମଞ୍ଜୁଲତା କହଁର, ଫିରିଙ୍ଗିଆ କୁଇ ସମାଜ ସମ୍ପାଦକ ଏସିଆ କହଁର, ବୌଦ୍ଧ ଜିଲାପାଳ ରବୀନ୍ଦ୍ର କହଁର, ସଲାଗୁଡା ସରପଞ୍ଚ ରୋହିତ କହଁର, ତହସିଲଦାର ଅନାମିକା ପାଣ୍ଡେ, ପୂର୍ବତନ ପୋଲିସ ଅଧିକାରୀ ଜୟଚନ୍ଦ୍ର ମଳିକ, ପାହିରେଜୁ ସମିତି ସଭ୍ୟ ଲୋଚନ କହଁର, ଗୋଛାପଡା କୁଇ ସମାଜ ସଭାପତି କୃଷ୍ଣଚନ୍ଦ୍ର କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ମଶାଲ ଶୋଭାଯାତ୍ରା ମା' ପୀତବାଲିଙ୍କ ମନ୍ଦିରରୁ ବାହାରି ଷ୍ଟାଡିୟମକୁ ଆସିଥିଲା। ଅନୁଷ୍ଠିତ ବୈଠକରେ ଅତିଥିମାନେ କନ୍ଧମାଳ ଜିଲାର କଳା ସଂସ୍କୃତି ଓ ପରମ୍ପରା ଉପରେ ନିଜ ନିଜ ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରପି, ଏମବିକେ, ବିଏଲଏଫମାନଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିବା ବେଳେ ଫିରିଙ୍ଗିଆ ଜୀବିକା ମିଶନର ସଂଯୋଜକ ସଂଗ୍ରାମ କେଶରୀ ସାହୁ, ମିଶନ ଶକ୍ତି ସଂଯୋଜକ ବାଦଲ ନାଏକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଇପ୍‌ସିତା ଜେନା, ଗୋଛାପଡା ସରପଞ୍ଚ ଯୁଗାନ୍ତ କହଁରଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

